


## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା: ଜେଲ ଗଲେ ସ୍ୱାମୀ

**ଗଞ୍ଜାମ,୨୦।୧୦(ଡି.ଏନ.ଏ.):** ଗଞ୍ଜାମ ଥାନା ପୁଇଁତୋଳା ବାରିକ ସାହିରେ ଗତ ମଙ୍ଗଳବାର ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ମୃତ ମହିଳା ହେଲେ ଅଜିତ ପଲାଇଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା। ବିଷ୍ଣୁଙ୍କ ଭାଇ ବୃନ୍ଦାବନ ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ମାରି ଦେଇଥିବା ଗଞ୍ଜାମ ଥାନାରେ ଏତଲା ଦେଇଥିଲେ। ପୋଲିସ ଏତଲାକୁ ଭିତ୍ତିକରି ନଂ.୭୯/୧୮ରେ ମାମଲା ରୁଜୁ କରି ଶନିବାର ସ୍ୱାମୀଙ୍କୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ଅନିଲ କୁମାର ମାହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶାଶୁଘର ଲୋକଙ୍କ ପକ୍ଷରୁ ବୋହୁ ବିଷ୍ଣୁ ଆତ୍ମହତ୍ୟା କରିଥିବା କହୁଥିବା ବେଳେ ଝିଅ ବାପାଘର ଯୌତୁକ ଦାବିରେ ମାରିଦେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ସ୍ୱାମୀ ଅଜିତ ଗତ ଦୁଇ ବର୍ଷ ହେଲା ଦୁବାଇରେ ରହି ଆସୁଥିଲେ। ସେଠାରୁ ସେ ପ୍ରାୟ ସାଢ଼େ ୪ ଲକ୍ଷ ଟଙ୍କା ଓ ସୁନା ପଠାଇଥିବା ବେଳେ ଉକ୍ତ ଟଙ୍କା ଓ ସୁନା ବିଷ୍ଣୁ ତାଙ୍କ ଭାଇ ବୃନ୍ଦାବନଙ୍କୁ ଦେଇଥିବା ଏବଂ ଟଙ୍କା ନ ଦେଲେ ମୁଁ ଆତ୍ମହତ୍ୟା କରିବି ବୋଲି ଫୋନରେ ମୃତ ମହିଳା ତାଙ୍କ ଭାଇଙ୍କୁ ଧମକ ଦେଇଥିଲେ। ମୋବାଇଲରେ କଲ ରେକର୍ଡ ଯାଞ୍ଚ କରାଯିବ ବୋଲି ପୋଲିସ କହିଛି।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ଫିରିଙ୍ଗିଆ, ୨୦।୧୦:** ଫିରିଙ୍ଗିଆ ଥାନା ଭୃଙ୍ଗିଯୋଡି ଛକରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ଯୁବକ ହେଲେ ସ୍ଥାନୀୟ ଅଞ୍ଚଳର ମଣ୍ଟୁ କହଁର। ମିଳିଥିବା ସୂଚନା ଅନୁସାରେ, ଏକ ବାଇକ୍‌ରେ ୩ ଜଣ ଯାଉଥିବା ବେଳେ ଉକ୍ତ ଛକରେ ଚାଳକ ଭାରସାମ୍ୟ ହରାଇ ଏକ ଖାଲରେ ଗାଡି ପକାଇ ଦେଇଥିଲେ। ଘଟଣା ସ୍ଥଳରେ ମଣ୍ଟୁଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇ ଜଣଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ନିଆ ଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

■ ପୋଲିସ ଶହୀଦ ଦିବସ ଆଜି

# ଦେଶମାତୃକାର ସୁରକ୍ଷା ପାଇଁ ଆହ୍ୱାନ

ଅକ୍ଟୋବର ୨୧ରେ ହେଉଛି ପୋଲିସ ଶହୀଦ ଦିବସ । ଚଳିତ ବର୍ଷ ଏହି ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରୁଛି ଗଞ୍ଜାମ ପୋଲିସ । ଏହି ଅବସରରେ ଶହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ବ୍ୟାଣ୍ଡ ଶୋ ପରିବେଷଣ, ମିନି ମାରାଥନ, ଶହୀଦମାନେ ପାଠ ପଢିଥିବା ହାଇସ୍କୁଲରେ ସ୍ମୃତି ଚାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ପରେଡ୍ ଓ ସଭାର ଆୟୋଜନ ହୋଇଛି । ଏନେଇ ଏକ ସ୍ୱତନ୍ତ୍ର ଉପାସ୍ଥାପନା ।

ପୋଲିସ ଶହୀଦ ଦିବସ ଆଜି । ଚଳିତ ବର୍ଷ ଓଡିଶା ପୋଲିସ ପକ୍ଷରୁ ଏହି ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ମଧ୍ୟ ଏହାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିସହ ସପ୍ତାହେ ବ୍ୟାପୀ ଏହି ଦିବସ ପାଳନ କରାଯିବ । ପୂର୍ବରୁ କେବଳ ଛତ୍ରପୁର ରିଜର୍ଭ ପୋଲିସ ପଡିଆରେ ପୋଲିସ ଶହୀଦ ଦିବସରେ ପରେଡ୍, ଶହୀଦମାନଙ୍କୁ ପୁଷ୍ପମାଲ୍ୟ ଏବଂ ଗଞ୍ଜାମ ଏସ୍‌ପିଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତ୍ତା ପଠନ ସହ ନିଜସ୍ୱ ଅଭିଭାଷଣ ରଖାଯାଉଥିଲା । ମାତ୍ର ଚଳିତ ବର୍ଷ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଜିଲାର ୩ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେମାନେ ପାଠ ପଢିଥିବା ହାଇସ୍କୁଲରେ ପ୍ରତିମୂର୍ତ୍ତି ସ୍ଥାପନ ସହ ସ୍ମୃତି ଚାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିସହ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର, ହିଞ୍ଜିଳି ଓ ଛତ୍ରପୁର ଥାନା ଅଞ୍ଚଳରେ ପୋଲିସ ବ୍ୟାଣ୍ଡ ଶୋ ପରିବେଷଣ କରାଯିବ ।


ଶହୀଦ ଗୌରହରି ପ୍ରଧାନ

### ଶହୀଦ ଗୌରହରି ପ୍ରଧାନ

ଶହୀଦ ଗୌରହରି ପ୍ରଧାନ ବାପା ସଦାଶିବ ପ୍ରଧାନ ଏବଂ ମା' ସୀତାଙ୍କ ଔରସରୁ ୧୯୪୬ ମେ ୧୧ରେ ଜନ୍ମ ଗ୍ରହଣ କରିଥିଲେ । ସ୍ତ୍ରୀ ତମଳା । ତାଙ୍କ ଘର ଗାଙ୍ଗପୁର ଥାନା ଗୁଡିବନ୍ଧ ଗାଁରେ। ସେ ସ୍ଥାନୀୟ ଗାଙ୍ଗପୁର ହାଇସ୍କୁଲରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ। ୧୯୬୫ ସେପ୍ଟେମ୍ବର ୪ରେ ଗଞ୍ଜାମ ପୋଲିସ ଜିଲାରେ କନଷ୍ଟେବଲ ଭାବେ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ସେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ୧୯୯୫ ମାର୍ଚ୍ଚ ୩୧ରେ ଗୌରହରି ଭଞ୍ଜନଗର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷା କାର୍ଯ୍ୟ କରୁଥିବା ବେଳେ ଦୁର୍ଦ୍ଧାନ୍ତ ଅପରାଧୀମାନଙ୍କ ଆକ୍ରମଣରେ ଶହୀଦ ହୋଇଥିଲେ ।


ଶହୀଦ ସଞ୍ଜୟ କୁମାର ପ୍ରଧାନ

ଶହୀଦ ସଞ୍ଜୟ କୁମାର ପ୍ରଧାନଙ୍କ ଘର ଭଞ୍ଜନଗର ଥାନା ଜିଲୁଣ୍ଡି ଗାଁରେ। ୧୯୮୨ମେ ୧୮ରେ ସେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା ହେଉଛନ୍ତି ସାହେବ ପ୍ରଧାନ ଓ ମା' ରତନ ପ୍ରଧାନ। ସେ ଜିଲୁଣ୍ଡି ହାଇସ୍କୁଲରେ ପାଠ ପଢିଥିଲେ । ୨୦୦୬ ଡିସେମ୍ବର ୨୩ରେ ସେ କନଷ୍ଟେବଲ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ତାଙ୍କର ୨ ଭାଇ ଅଛନ୍ତି । ଶହୀଦ ବେଳେ ଚନ୍ଦକା ଏସ୍‌ଓଜି ଅଧୀନରେ କାର୍ଯ୍ୟ କରୁଥିଲେ । ୨୦୧୦ ଏପ୍ରିଲ ୪ରେ କୋରାପୁଟ ଜିଲା ବୈପାରୀଗୁଡା ଥାନା ଅଧୀନ ମନ୍ତ୍ରିଆମ୍ବା ନିକଟରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସଞ୍ଜୟ ଦେଶମାତୃକା ପାଇଁ ଜୀବନ ଦେଇ ଶହୀଦ ହୋଇଥିଲେ ।


ଶହୀଦ ଦଣ୍ଡପାଣି ମିଶ୍ର

### ଶହୀଦ ଦଣ୍ଡପାଣି ମିଶ୍ର

ଶହୀଦ ଦଣ୍ଡପାଣିଙ୍କ ଘର ଖଲ୍ଲିକୋଟ ଥାନା ଗୁରୁଣ୍ଡି ଗାଁରେ। ତାଙ୍କ ବାପା ନାରାୟଣ ମିଶ୍ର । ଦଣ୍ଡପାଣିଙ୍କ ସ୍ତ୍ରୀ ପ୍ରତିମା । ତାଙ୍କ ଜନ୍ମ ୧୯୫୨ ଅଗଷ୍ଟ ୮ ତାରିଖରେ। ସେ କନ୍ହେଇପୁର ହାଇସ୍କୁଲରେ ପଢୁଥିଲେ । ୧୯୭୨ ଡିସେମ୍ବର ୧୯ରେ କନଷ୍ଟେବଲ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ପରେ ତାଙ୍କୁ ଏଏସ୍‌ଆଇ ପଦୋନ୍ନତି ମିଳିଥିଲା। ୨୦୦୮ ଫେବୃୟାରୀ ୧୫ରେ ନୟାଗଡ ଜିଲା ପୋଲିସ ଅସ୍ତ୍ରାଗାର ଉପରେ ମାଓବାଦୀଙ୍କ ଆକ୍ରମଣ ଓ ଗୁଳିମାଡରେ ଦଣ୍ଡପାଣି ପ୍ରାଣ ହରାଇ ଶହୀଦ ହୋଇଥିଲେ ।


ମିନି ମାରାଥନ।

### କେବେଠୁ ପାଳନ ହେଉଛି

ପ୍ରତି ବର୍ଷ ଅକ୍ଟୋବର ୨୧ରେ ଦେଶ ପାଇଁ ବଳିଦାନ ଦେଉଥିବା ପୋଲିସ କର୍ମଚାରୀଙ୍କୁ ମନେ ପକାଇବା ଉଦ୍ଦେଶ୍ୟରେ ପୋଲିସ ଶହୀଦ ଦିବସ ପାଳନ କରାଯାଉଛି । ୧୯୫୯ ମସିହାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର କେତେଜଣ ଯବାନ ଇଣ୍ଡୋ ଟିବେଟାନ ସୀମାରେଖାରେ ପାଟ୍ରୋଲିଂ କରୁଥିବା ସମୟରେ ଚାଇନା ସେନାଙ୍କ ଆକ୍ରମଣରେ ୧୦ଜଣ ଯବାନ ଶହୀଦ ହୋଇଥିଲେ । ସେହି ବର୍ଷଠାରୁ ପ୍ରତ୍ୟେକ ବର୍ଷ ପୋଲିସ ବିଭାଗରେ କାର୍ଯ୍ୟରତ ଥିବା ଅବସ୍ଥାରେ କର୍ତ୍ତବ୍ୟ କରୁଥିବା ସମୟରେ ସାଧାରଣଜନତାଙ୍କ ସୁରକ୍ଷା ଓ ସେବାରେ ସମ୍ପୃକ୍ତ ଥାଇ ଦେଶ ଓ ରାଜ୍ୟ ପାଇଁ ବଳିଦାନ ଦେଉଥିବା ପୋଲିସ କର୍ମଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପୋଲିସ ଶହୀଦ ଦିବସ ପାଳନ କରାଯାଉଛି।

**ରିପୋର୍ଟ–ସନ୍ତୋଷ କୁମାର ପାଢୀ**

### ଶହୀଦ ଦିବସ କାର୍ଯ୍ୟକ୍ରମ

■ ଛତ୍ରପୁର ରିଜର୍ଭ ପୋଲିସ ପଡିଆରେ ରବିବାର ଗଞ୍ଜାମ ପୋଲିସ ଜିଲାସ୍ତରୀୟ ପୋଲିସ ଶହୀଦ ଦିବସ ପାଳନ ନେଇ କାର୍ଯ୍ୟକ୍ରମର ଆୟୋଜନ ହୋଇଛି । ଏହି ଅବସରରେ ଅନୁଷ୍ଠିତ ପରେଡ୍‌ରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅଭିବାଦନ ଗ୍ରହଣ କରିବେ । ଏହାପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ଅନ୍ୟମାନଙ୍କ ଶହୀଦ ଦିବସରେ ଆସିଥିବା ବାର୍ତ୍ତା ଏସ୍‌ପି ପାଠ କରିବା ସହ ନିଜ ଅଭିଭାଷଣ ଦେବେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

■ ଶହୀଦ ସଞ୍ଜୟ କୁମାର ପ୍ରଧାନ ପଢିଥିବା ଜିଲୁଣ୍ଡି ହାଇସ୍କୁଲରେ ସଭାର ଆୟୋଜନ କରାଯାଇଛି । ଶହୀଦ ସଞ୍ଜୟଙ୍କ ପ୍ରତିମୂର୍ତ୍ତିକୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଛି ।

■ ଶହୀଦ ଗୌରହରି ପ୍ରଧାନଙ୍କ କ୍ଷେତ୍ରୀୟବରପୁର ହାଇସ୍କୁଲରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହେବ ।

■ ଶହୀଦ ଦିବସ ସପ୍ତାହ ପାଳନ ଅବସରରେ ଛତ୍ରପୁର, ହିଞ୍ଜିଳି ଓ ଭଞ୍ଜନଗର ଥାନା ଅଞ୍ଚଳରେ ପୋଲିସ ବ୍ୟାଣ୍ଡ ପରିବେଷଣ କରାଯିବ ।

### ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କ ମେସେଜ୍

ଦେଶମାତୃକାର ସୁରକ୍ଷା ପାଇଁ ବଳିଦାନ ଦେଉଥିବାଙ୍କ ଶହୀଦ ସ୍ମୃତି ଚାରଣ କରିବା ଉଦ୍ଦେଶ୍ୟରେ ପୋଲିସ ଶହୀଦ ଦିବସ ପାଳନ ହେଉଛି । ରାଷ୍ଟ୍ର ସୁରକ୍ଷା ପାଇଁ ଯେତେବେଳେ ଦରକାର ଆମେ ପ୍ରାଣ ଦେଇ ରକ୍ଷା କରିବୁ । ଏହି ଦିବସ ପାଳନର ଆଭିମୁଖ୍ୟ ହେଲା ଦେଶ ମାତୃକାର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିବା । ଓଡିଶା ଓ ଅନ୍ୟ ରାଜ୍ୟର ପୋଲିସ, ବିଏସ୍‌ଏଫ ଓ ସିଆରପିଏଫ ସଦାବେଳେ ଦେଶ ତଥା ଜନସାଧାରଣଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛି ।




POLICE COMMEMORATION DAY

Message

I am glad to know that the 59th **Police Commemoration Day** is being observed across the country including Odisha at the State Police Head-quarters and District Police Headquarters on October 21, 2018.

The day is of great significance for Police personnel of all ranks. It is a day of remembering and expressing gratitude to all those martyred police personnel for their bravery, heroism, sacrifice and devotion to duty. Odisha Police has a distinct recored of serving people in difficult circumstances daring and braving challenges. This is truly admirable. While paying my tribute to the martyred police personnel I urge upon those in service to draw fresh inspiration and continue to serve with pride and dignity holding the spirit high. My best wishes to the Odisha Police.

I will the observance all success.

(Ganeshi Lal)

DSPL - 203
12029/13/0048/1819




ପୋଲିସ ଶହୀଦ ସ୍ମୃତି ଦିବସ

ବାର୍ତ୍ତା

ଓଡ଼ିଶା ପୋଲିସ ତରଫରୁ ୫୯ତମ "ପୋଲିସ ଶହୀଦ ସ୍ମୃତି ଦିବସ" ଅକ୍ଟୋବର ୨୧ ତାରିଖ, ୨୦୧୮ ଦିନ ପାଳନ କରାଯାଉଅଛି। ଦେଶ ପାଇଁ ସର୍ବୋଚ୍ଚ ତ୍ୟାଗ ସ୍ୱୀକାର କରିଥିବା ବୀର ପୋଲିସମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ୧୯୬୦ ମସିହାରୁ ଏହି ଦିବସ ପାଳନ କରାଯାଇ ଆସୁଅଛି।

ଆଜିର ଏହି ସ୍ମରଣୀୟ ଦିବସରେ ମୁଁ ସେହି ଶହୀଦ ପୋଲିସମାନଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାର ବର୍ଗଙ୍କୁ ମୋର ସମବେଦନା ଜଣାଉଛି।

(ନବୀନ ପଟ୍ଟନାୟକ)

DSPL - 203
12029/13/0048/1819

## ଏ ସପ୍ତାହର କାର୍ଯ୍ୟକ୍ରମ

୨୧।୧୦।୨୦୧୮ (ରବିବାର)
- ସାଂସ୍କୃତିକ କାର୍ଯ୍ୟକ୍ରମ। ସ୍ଥାନ-ବଜାର ଛକ ଦୁର୍ଗାମଣ୍ଡପ ସମ୍ମୁଖ-ଜି.ଉଦୟଗିରି, ସମୟ- ସନ୍ଧ୍ୟା ୭ଟା।

୨୨।୧୦।୨୦୧୮ (ସୋମବାର)
- ମା’ ଦୁର୍ଗାଙ୍କ ବିସର୍ଜନ ଉତ୍ସବ। ସ୍ଥାନ-ବଜାର ଛକ ଦୁର୍ଗାମଣ୍ଡପ, ସମୟ-ସନ୍ଧ୍ୟା ୭ଟା।

୨୪।୧୦।୨୦୧୮ (ବୁଧବାର)
- ଲକ୍ଷ୍ମୀବଜାର ପୂଜା କମିଟି ଦ୍ୱାରା ‘ଗଜଲକ୍ଷ୍ମୀ ପୂଜା। ସ୍ଥାନ-ଲକ୍ଷ୍ମୀବଜାର, ଜି.ଉଦୟଗିରି, ସମୟ-ଅପରାହ୍ନ ୫ ଟା।
- ମା’ ବରାଳିନୀ ବଜାର ପୂଜା କମିଟି ଦ୍ୱାରା ‘ଗଜଲକ୍ଷ୍ମୀ’ ପୂଜା। ସ୍ଥାନ-ବରାଳଦେବୀ ମନ୍ଦିର ସମ୍ମୁଖ ପଡ଼ିଆ, ଜି.ଉଦୟଗିରି, ସମୟ- ସନ୍ଧ୍ୟା ୭ଟା।

■ବିଏମ୍‌ସିର ପକ୍କା ଡ୍ରେନ, ରୋଡ ନିର୍ମାଣକୁ ଗୁରୁତ୍ୱ

# ଦୁଇ ପର୍ଯ୍ୟାୟରେ ୨୪.୮୫ କୋଟିର ଟେଣ୍ଡର

ବ୍ରହ୍ମପୁର ଅଫିସ,୨୦।୧୦

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏବେ ବିଭିନ୍ନ ୱାର୍ଡରେ ଡ୍ରେନ ଓ ରୋଡ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ବର୍ଷାରତୁ ସାରି ଆସୁଥିବାରୁ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପକ୍କା ଡ୍ରେନ ଏବଂ ରୋଡ ନିର୍ମାଣ ପାଇଁ ଦୁଇ ପର୍ଯ୍ୟାୟରେ ୨୪ କୋଟି ୮୫ ଲକ୍ଷ ୨୯ ହଜାର ଟଙ୍କାର ଟେଣ୍ଡର ହୋଇଛି। ଶନିବାର ନିଗମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଇଛି।

### ବିଶ୍ୱବ୍ୟାଙ୍କ ସହାୟତାରେ ଚାଲିଛି ସଡ଼କ ନିର୍ମାଣ

ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ୧୭ ହଜାର ୨୫୦ ମିଟର ରୋଡ ଏବଂ ୩୬ ହଜାର ୬୫୦ ମିଟର ଡ୍ରେନ ନିର୍ମାଣ ପାଇଁ ୧୭ କୋଟି ୮୫ ଲକ୍ଷ ୨୯ ହଜାର ୬୫୬ ଟଙ୍କା ବ୍ୟୟ ଅଟକଳ ହୋଇ ଟେଣ୍ଡର କରାଯାଇଛି। ସେହିପରି ଆଉ ୭ କୋଟି ଟଙ୍କାରେ ୧୪ ହଜାର ମିଟର ଡ୍ରେନ ଏବଂ ୭ ହଜାର ମିଟର ରୋଡ ନିର୍ମାଣ କରାଯିବାର ଟେଣ୍ଡର ହୋଇଛି। ଏହି ପ୍ରକ୍ରିୟାରେ ସମୁଦାୟ ୩୪ ପ୍ରକଳ୍ପ ନିର୍ମିତ ହେବ। ସମସ୍ତ ନିର୍ମାଣ ବ୍ରଜରାଜନଗର, ଆନନ୍ଦ ନଗର, ହର୍ଷ ବିହାର, ଶାନ୍ତିମାର୍ଗ, ପ୍ରେମନଗର, ବିଭିନ୍ନ ସରଣି, କେନାଲ ସାହି ଗାର୍ଡ୍‌ୱାଲଠାରୁ ୫ମ ସରଣୀ, ହରିହର ନଗର ସମେତ ବିଭିନ୍ନ ୱାର୍ଡରେ କରାଯିବ।

ଅପରପକ୍ଷରେ ୨୦୧୩ ଅକ୍ଟୋବର ୧୨ରେ ହୋଇଥିବା ଭୟଙ୍କର ବାତ୍ୟା ଫାଇଲିନ ଓ ବର୍ଷା ବିପ୍ଳାତରେ ରେଶମ ନଗରୀ ଧ୍ୱସ୍ତବିଧ୍ୱସ୍ତ ହୋଇ ମାନଚିତ୍ର ବଦଳି ଯାଇଥିଲା। ପୁନରୁଦ୍ଧାର ଓ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ଜାତିସଂଘ ପକ୍ଷରୁ ୨ ଶହ କୋଟି ଟଙ୍କା ସହାୟତା ଦେବାର ଘୋଷଣା ହୋଇଥିଲା। ନିର୍ମାଣ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବେ ଓଡିଆରପି (ଓଡ଼ିଶା ଡିଜାଷ୍ଟର ରିକଭରି ପ୍ରୋଜେକ୍ଟ) ଖୋଲାଯାଇଛି। ଫାଇଲିନର ୫ ବର୍ଷ ବିତିଛି ଏବଂ ପର୍ଯ୍ୟାୟକ୍ରମେ ବିଶ୍ୱବ୍ୟାଙ୍କରୁ ୧୫୦ କୋଟିରୁ ଅଧିକ ଟଙ୍କା ସରକାରଙ୍କ ଜରିଆରେ ବିଏମ୍‌ସିକୁ ମିଳିଛି। ଓଡିଆରପି ଦ୍ୱାରା ୫ବୃହତ ରୋଡ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିବା କୁହାଯାଇଥିଲେ, ମଧ୍ୟ ବିଶ୍ୱବ୍ୟାଙ୍କ ସହାୟତା ବିନିଯୋଗରେ ଅହେତୁକ ବିଳମ୍ବ ହୋଇଥିବାରୁ ବିଏମ୍‌ସିର ପାରିବା ପଣିଆ ପଦାରେ ପଡ଼ିଛି। ଫାଇଲିନ ପରେ ୨୦୧୪ରେ ହୁଡ଼ହୁଡ ଏବଂ ୨୦୧୮ରେ ତିତ୍‌ଲି ବାତ୍ୟା ଯାଇଛି। ତଥାପି ଫାଇଲିନ ମୁକାବିଲା ନିମନ୍ତେ ବିଶ୍ୱବ୍ୟାଙ୍କ ମଞ୍ଜୁର ଟଙ୍କା ସମ୍ପୂର୍ଣ୍ଣ ବିନିଯୋଗ ନ ହୋଇ ପଡ଼ିରହିଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ରବି



@ ରୋଶନ



@ ଶଙ୍କର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## କିରୋସିନ ଢାଳି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ବ୍ରହ୍ମପୁର,୨୦।୧୦: କିରୋସିନ ଢାଳି ନିଆଁ ଲଗାଇ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଘଟଣା ଘଟିଛି କବିସୂର୍ଯ୍ୟନଗର ଥାନା ଗୁଣ୍ଡପଡା ଗ୍ରାମରେ। ଗୁରୁତର ମହିଳା ଜଣକ ହେଲେ ଗ୍ରାମର ବାବୁଲା ସେଠୀଙ୍କ ପତ୍ନୀ ଗୀତାଞ୍ଜଳି (୨୫)। ପାରିବାରିକ ଅଶାନ୍ତିରୁ ଗୀତାଞ୍ଜଳି ମାନସିକ ଭାରସାମ୍ୟ ହରାଇ ୧୯ ତାରିଖ ଅପରାହ୍ନରେ ଘରେ କେହି ନ ଥିବା ବେଳେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ନିଆଁ ଲାଗିବା ପରେ ଚିତ୍କାର ଶୁଣି ପଡିଶା ଏବଂ ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଶରୀରର ୮୦ ପ୍ରତିଶତ ଅଂଶ ଜଳିଯାଇଥିବା ବେଳେ ଚିକିତ୍ସା ଜାରି ରହିଥିବା ସୂଚନା ମିଳିଛି।

## ବିଏମ୍‌ସି ପକ୍ଷରୁ ୧୫୫୦ ଖାଦ୍ୟ ସୁରକ୍ଷା କାର୍ଡ ବଣ୍ଟନ



ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ପ୍ରଦାନ କରାଯାଉଛି।

ବ୍ରହ୍ମପୁର ଅଫିସ,୨୦।୧୦

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଚୟନ ହୋଇଥିବା ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ପ୍ରଦାନ କରାଯାଇଛି। ଏନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଶନିବାର ଟାଉନହଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ମେୟର କେ. ମାଧବୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ବିକ୍ରମ ପଣ୍ଡା, କେ. ଅନୀଲ କୁମାର, ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଗଞ୍ଜାମ ଜିଲା ବିଜେଡି ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୫୫୦ ହିତାଧିକାରୀଙ୍କୁ ଚୟନ କରାଯାଇଥିବା ବେଳେ ପ୍ରଥମ ଦିନରେ ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ଯୋଜନା କାର୍ଡ ପ୍ରଦାନ କରାଯାଇଛି। ଏହି କାର୍ଡ ଜରିଆରେ ହିତାଧିକାରୀମାନେ ମୁଣ୍ଡପିଛା ୫ କି.ଗ୍ରା. ଚାଉଳ ପାଇବାର ସୁବିଧା ପାଇବେ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ପୂର୍ବତନ କର୍ପୋରେଟର ଓ ବିଏମ୍‌ସି କର୍ମଚାରୀମାନେ ଯୋଗ ଦେଇ ସହଯୋଗ କରିଥିଲେ।

## ରେଳ ଷ୍ଟେଶନରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ବ୍ରହ୍ମପୁର ଅଫିସ୍,୨୦।୧୦

ବ୍ରହ୍ମପୁର ରେଲୱେ ଷ୍ଟେଶନରେ ଶୁକ୍ରବାର ଜଣେ ଯୁବକ ବ୍ଲେଡ୍‌ରେ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ହେଲେ ଆସିକା ବ୍ଲକ ମହାରାଜପୁର ଗ୍ରାମର ଟୁଙ୍ଗୁରୁ ବେହେରା (୪୫)। ଘଟଣା ସ୍ଥଳରେ ରେଳପଥ ଥାନା ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲା। ଟୁଙ୍ଗୁରୁ ଦୀର୍ଘ ଦିନ ହେଲା ସୁରଟରେ ଦାଦନ ଖଟି ଆସୁଥିଲେ। ଶୁକ୍ରବାର ଟ୍ରେନରେ ଆସି ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚି ବୁଲାଚଲା କରୁଥିଲେ। ତେବେ ହଠାତ୍ ବ୍ୟାଗ୍ ମଧ୍ୟରୁ ଏକ ଧାରୁଆ ବ୍ଲେଡ୍ ବାହାର କରି ନିଜ ବେକକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ରକ୍ତାକ୍ତ ଅବସ୍ଥାରେ ଘଟଣା ସ୍ଥଳରେ ରେଳପଥ ଥାନା ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲା। ଶନିବାର ସୁସ୍ଥ ହେବା ପରେ ଟୁଙ୍ଗୁରୁଙ୍କ ପରିବାର ବର୍ଗଙ୍କ ସହ ପୋଲିସ ଯୋଗାଯୋଗ କରି ନିଜ ଗ୍ରାମକୁ ଛାଡି ଦିଆଯାଇଥିବା ରେଳପଥ ଥାନାର ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି।

## ଷ୍ଟୋଭଫାଟି ନାବାଳିକା ଗୁରୁତର

ବ୍ରହ୍ମପୁର ଅଫିସ୍,୨୦।୧୦: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ ରେଡିକା ସାହିରେ ଶୁକ୍ରବାର ପୂର୍ବାହ୍ନରେ ଘଟିଥିବା ଅଗ୍ନିକାଣ୍ଡରେ ଜଣେ ନାବାଳିକା ଗୁରୁତର ହୋଇଛନ୍ତି। ପରିବାର ବର୍ଗ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଛନ୍ତି। ଶୁକ୍ରବାର ଘରେ ରୋଷେଇ କରୁଥିବା ବେଳେ ହଠାତ୍ ଷ୍ଟୋଭ୍‌ଟି ଫାଟିଯାଇ ନାବାଳିକାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଶରୀରର ୮୦ ପ୍ରତିଶତ ଜଳିଯାଇଥିବା ଡାକ୍ତର ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଚିକିତ୍ସା ଜାରି ରହିଥିବା ବେଳେ ଘଟଣା ସ୍ଥଳରେ ବୈଦ୍ୟନାଥପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଆସିକା: ୬ ବ୍ୟାଙ୍କ ଏଟିଏମ ଅଚଳ

ବ୍ରହ୍ମପୁର ଅଫିସ୍,୨୦।୧୦:ଆସିକାରେ ବନ୍ୟା ପରେ ବ୍ୟାଙ୍କ ସେବା ପ୍ରଭାବିତ ହୋଇଛି। ବ୍ୟାଙ୍କ ସେବା ଏକ ପ୍ରକାର ଅଚଳ ହୋଇଯାଇଛି। ଜିଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର୍ ସୁରେନ୍ଦ୍ର କୁମାର ଚୌଧୁରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଆସିକା କୋଅପରେଟିଭ ବ୍ୟାଙ୍କ, ଆନ୍ଧ୍ରବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, କରୁର ବୈଶ୍ୟ ବ୍ୟାଙ୍କ, ଏସ୍‌ବିଆଇ ଏବଂ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏଗୁଡ଼ିକ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ଚାଲିଛି। ଲୋକଙ୍କ ଆବଶ୍ୟକତାକୁ ଦେଖି ମୋବାଇଲ୍ ଏଟିଏମ୍ ସେବା ଆରମ୍ଭ ହୋଇଛି। ଜଣେ ଆକାଉଣ୍ଟଧାରୀ ଦିନକୁ କେବଳ ୪ହଜାର ଟଙ୍କା ଉଠାଣ କରିପାରିବ। ସକାଳ ସାଢ଼େ ୯ଟାରୁ ଅପରାହ୍ନ ୪ଟା ଯାଏ ଏହି ଏଟିଏମ୍ କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି।

## ଦୁର୍ଦ୍ଦାନ୍ତ ଅପରାଧୀ ଅଜୟ ଗିରଫ





ଗିରଫ ଅଭିଯୁକ୍ତ ଅଜୟ। ଜବତ ଦେଶୀ ବନ୍ଧୁକ, ଗୁଳି।

ବ୍ରହ୍ମପୁର ଅଫିସ୍,୨୦।୧୦

### ଦେଶୀ ବନ୍ଧୁକ, ୨ ଗୁଳି ଜବତ

ବ୍ରହ୍ମପୁର ସଦରଥାନା ପୋଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଦିଗପହଣ୍ଡି ଥାନା ଚାଞ୍ଚଡାପଲ୍ଲୀ ଗ୍ରାମର ଅଜୟ ଲେଙ୍କା। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଏବଂ ଦୁଇଟି ଅଫୁଟା ଗୁଳି ପୋଲିସ ଜବତ କରିଛି। ଗୁରୁବାର ସନ୍ଧ୍ୟାରେ ଅଜୟ ଗୋଟିଏ ସିଙ୍ଗଲ୍ ସଟ୍ ଦେଶୀ ବନ୍ଧୁକ ଧରି ଲାଠି ଗ୍ରାମରେ ବୁଲୁଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ସଦରଥାନା ପୋଲିସ ଲାଠି ଗ୍ରାମରେ ଅଜୟଙ୍କ କାବୁ କରିଥିଲା। ସେତେବେଳେ ତାଙ୍କ ନିକଟରୁ ବନ୍ଧୁକ ଏବଂ ୧୨ ବୋର୍ ଗୋଲେଇ ବିଶିଷ୍ଟ ଦୁଇଟି ଗୁଳି ମିଳିଥିଲା। ପରେ ପୋଲିସ ନଂ. ୨୪୦/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଇପିସିର ଦଫା ୨୫(୨-ବି)(ଏ) ଆର୍ମ୍ସ ଆକ୍ଟରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

## ଭସାଣି ପାଇଁ ୪ ଅସ୍ଥାୟୀ କୁଣ୍ଡ

ବ୍ରହ୍ମପୁର ଅଫିସ୍,୨୦।୧୦

ବ୍ରହ୍ମପୁର ସହରର ୪୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା’ ଦୁର୍ଗାଙ୍କ ପୂଜା ଆୟୋଜିତ ହୋଇଥିଲା। ଶୁକ୍ରବାର ଥିଲା ଦଶମୀ। ସାଧାରଣତଃ ଦଶମୀ ପରଦିନ ଭସାଣୀ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଶନିବାର ଏବଂ ଏକାଦଶୀ ଥିବା ଯୋଗୁ ବ୍ରହ୍ମପୁର ସହରରେ ଶନିବାର ବଦଳରେ ରବିବାର ଭସାଣି ଅନୁଷ୍ଠିତ ହେବ। ଅନ୍ୟପଟେ ଏହାକୁ ନେଇ ବ୍ରହ୍ମପୁର ମହାନଗର ନିଗମ ମଧ୍ୟ ପ୍ରସ୍ତୁତ ରହିଛି। ସହରର ୪ ସ୍ଥାନରେ ଅସ୍ଥାୟୀ ମୂର୍ତ୍ତି ଭସାଣି ପୋଖରୀ ନିର୍ମାଣ କରାଯାଇଛି। ଏହି ପୋଖରୀରେ ପାଣି ରଖାଯିବା ସହ ଚାରିପଟେ ଟାର୍ପୋଲିନ୍ ଭିଡ଼ି ଦିଆଯାଇଛି। ଫଳରେ ମୂର୍ତ୍ତି ଭସାଣି ଯୋଗୁ ସୃଷ୍ଟି ହୋଇଥିବା ପ୍ରଦୁଷଣ, ପଦାକୁ ବ୍ୟାପି ପାରିବ ନାହିଁ। ସର୍ବସାଧାରଣ ପୋଖରୀଗୁଡ଼ିକରେ ଭସାଣୀ ଦ୍ୱାରା ପାଣି ପ୍ରଦୂଷିତ ହେଉଥିଲା। ଏହାର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସହରର ଗୋସାଇଁନୂଆଗାଁ, ଆମ୍ବମାର୍କେଟ୍ ନିକଟ, ଫାଷ୍ଟଗେଟ୍ ଶ୍ମଶାନ ନିକଟ ଏବଂ ଆମ୍ବପୁଆରେ ଏହି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିବା କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କଠାରୁ ସୂଚନା ମିଳିଛି।



ବିଏମ୍‌ସି ତରଫରୁ ନିର୍ମିତ ଅସ୍ଥାୟୀ ବିସର୍ଜନ ପୋଖରୀ।

## ଆଇଟିଆଇର ହେଲ୍‌ପିଂ ହ୍ୟାଣ୍ଡସ୍ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ, ୨୦।୧୦

ତିତ୍‌ଲି ବାତ୍ୟା ଓ ଏହାର ପରବର୍ତ୍ତୀ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳବାସୀଙ୍କୁ ସହାୟତା କରିବା ପାଇଁ ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ହେଲ୍‌ପିଂ ହ୍ୟାଣ୍ଡସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୧୭ ଆଇଟିଆଇର ଛାତ୍ର ଓ ଶିକ୍ଷକଙ୍କୁ ନେଇ ଏକ ୫୦ ଜଣିଆ ଟିମ୍ ଶୁକ୍ରବାର ଗଜପତି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଅଜୟ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଆଇଟିଆଇ ପରିସରରୁ ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ଆଇଟିଆଇ ଅଧ୍ୟକ୍ଷ ବୀରମିତ୍ର ମାଝି, ହିଞ୍ଜିଳିକାଟୁ ଆଇଟିଆଇ ଅଧ୍ୟକ୍ଷ ଅମୂଲ୍ୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟିମ୍ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଓ ଗଜପତି ଜିଲାରେ ବିଭିନ୍ନ ଘର ଘର ବୁଲି ବୈଦ୍ୟୁତିକ ଉପକରଣ ସଜାଡିବେ ବୋଲି ଜଣାପଡିଛି।




ହେଲପିଂ ହ୍ୟାଣ୍ଡସ୍ ଟିମ ସହ ଅନ୍ୟ ଅତିଥିମାନେ।

## ଯୁବକଙ୍କୁ ହତ୍ୟା, ପୋଲିସର ତଦନ୍ତ ଆରମ୍ଭ

ବ୍ରହ୍ମପୁର ଅଫିସ୍,୨୦।୧୦

ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅଧୀନ ହଳଦିଆପଦର ରେଲୱେ ଫ୍ଲାଏ ଓଭର ବ୍ରିଜ୍ ନିକଟରୁ ଶୁକ୍ରବାର ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ପୋଲିସ ସ୍ପଷ୍ଟ କରିଛି। ମୃତକ ହେଲେ ବଡବଜାର ଥାନା ଅଧୀନ ଧାନମେରା ସାହିର ସୋନୁ ଘଡାଇ (୩୦)। ମୃତକଙ୍କ ମା’ ରୋହିଣୀଙ୍କ ଏତଲାକୁ ଭିତ୍ତିକରି ଶନିବାର ପୋଲିସ ନଂ. ୧୨୮/୧୮ରେ ଏକ ହତ୍ୟା ମାମଲା ରୁଜୁ କରିଛି। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ଜଣାପଡିବ ବୋଲି ଆଇଆଇସି କୁଳମଣୀ ସେଠୀ ସୂଚନା ଦେଇଛନ୍ତି।

ପ୍ରକାଶଯେ, ଶୁକ୍ରବାର ନୀଳ ରଙ୍ଗ ପୋଷାକ ପିନ୍ଧା ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ ପୋଲିସ ପରିଚୟ ସ୍ପଷ୍ଟ କରିବା ନେଇ ଅନୁସନ୍ଧାନ ଜାରି ରଖିଥିଲା। ତଦନ୍ତ ସମୟରେ ସୋନୁଙ୍କ ମୃତଦେହକୁ ତାଙ୍କ ପରିବାର ବର୍ଗ ଚିହ୍ନଟ କରିବା ପରେ ପୋଲିସ ମୃତକଙ୍କ ମା’ଙ୍କ ବୟାନ ରେକର୍ଡ କରି ମାମଲା ରୁଜୁ କରିଥିଲେ। ସୋନୁ ବିଏମ୍‌ସିରେ ଜଣେ ଠିକା ସଫେଇ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ସେ ବିବାହିତ। ଗତ ମଙ୍ଗଳବାରରୁ ସୋନୁ ଘରୁ ସାନବଜାର ଛକ ଯାଇଥିବା ବେଳେ ସେଠାରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ତେବେ ସୋନୁଙ୍କର କେତେକ ବ୍ୟକ୍ତିଙ୍କ ସହିତ ଝଗଡା ହୋଇଥିବା ବେଳେ ଜଣେ ହିନ୍ଦୀରେ କଥାବାର୍ତ୍ତା କରୁଥିବା ବ୍ୟକ୍ତିଙ୍କ ବାଇକ୍‌ରେ ଯାଇ ଆଉ ଘରକୁ ଫେରି ନ ଥିଲେ ବୋଲି ତାଙ୍କ ସାନ ଭାଇ ମଣ୍ଟି ଘଡାଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଧାନମେରା ସାହି ନିକଟସ୍ଥ ଏକ ସାହିର ଜଣେ ଯୁବତୀଙ୍କ ସହ ସୋନୁଙ୍କର ସମ୍ପର୍କ ରହିଥିଲା। ଏହାକୁ ନେଇ ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ପରିବାରବର୍ଗଙ୍କ ଅଭିଯୋଗକୁ ନେଇ ପୋଲିସ ତଦନ୍ତ ଦିଗକୁ ବଢାଇ ଅନୁସନ୍ଧାନ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ହିଁ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ପୋଲିସ କହିଛି।



ସୋନୁଙ୍କ ଫାଇଲ୍ (ଫଟୋ)।

## ■ଗଞ୍ଜାମ ଜିଲାରେ ତିତ୍‌ଲି ତାଣ୍ଡବ

# ବନ୍ୟା ଭାଙ୍ଗିଦେଲା ଚାଷୀ ମେରୁଦଣ୍ଡ

ବ୍ରହ୍ମପୁର ଅଫିସ୍,୨୦।୧୦

■୪୦୯୨ହେକ୍ଟର ଉଦ୍ୟାନ କୃଷି ନଷ୍ଟ

■ପ୍ରଭାବିତ ହେଲେ ୨୯୨୬୧ଚାଷୀ

■ପ୍ରାୟ ସାଢ଼େ ୭କୋଟି ଟଙ୍କାର କ୍ଷତି

ଗଞ୍ଜାମ ଜିଲାରେ ବାତ୍ୟା 'ତିତ୍‌ଲି' ପରବର୍ତ୍ତୀ ବନ୍ୟାର ଭୟାବହତା ବ୍ୟାପକ ଭାବେ ପ୍ରଭାବ ପକାଇଛି। ବନ୍ୟା ଜଳ ଚାଷ ଜମିରେ ଜମି ମାଡିଯିବା ଫଳରେ ଫସଲ ବରବାଦ୍ ହୋଇଯାଇଛି। ତଳ ଅଞ୍ଚଳଗୁଡ଼ିକରେ ବ୍ୟାପକ କ୍ଷତି ହୋଇଛି। ଅନେକ ଚାଷ ଜମି ବର୍ତ୍ତମାନ ସୁଦ୍ଧା ଜଳ ଘେରରେ ରହିଛି, ବନ୍ୟା ପାଣି ଛାଡ଼ିଯାଇଛି। ହେଲେ ଭାଙ୍ଗିଦେଇଛି ଚାଷୀ ମେରୁଦଣ୍ଡ। ଜିଲାର ଯେଉଁ ଅଞ୍ଚଳଗୁଡ଼ିକରେ ଜଳସେଚନର ସୁବିଧା ରହିଛି, ଯେଉଁ ଅଞ୍ଚଳର ଚାଷ ଜମି ଉର୍ବର ଏବଂ ଚାଷୋପଯୋଗୀ, ସେହି ସବୁ ଅଞ୍ଚଳରେ ହିଁ ବନ୍ୟା ପ୍ରବଳ କ୍ଷତି ଘଟାଇଛି। କ୍ଷୟକ୍ଷତି ଆକଳନ ଚାଲିଥିବା ଯୋଗୁ ପ୍ରତିଦିନ ସାଂଘାତିକ ତଥ୍ୟ ପଦାକୁ ଆସୁଛି। ବନ୍ୟାରେ ବିଭିନ୍ନ ଖେତ କ୍ଷତିଗ୍ରସ୍ତ ହୋଇଛି। ହେଲେ ଚାଷୀମାନେ ସର୍ବାଧିକ ପ୍ରଭାବିତ ହୋଇଥିବା କୁହାଯାଉଛି। କାରଣ ଜିଲାର ଯେଉଁ ସବୁ ଅଞ୍ଚଳକୁ ବନ୍ୟା ନିଜ ନିୟନ୍ତ୍ରଣକୁ ନେଇଯାଇଥିଲା, ସେ ସବୁ ଅଞ୍ଚଳରେ କୃଷି ଅଞ୍ଚଳବାସୀଙ୍କ ମୂଳ ବେଉସା। ପୂର୍ବବର୍ଷ ମରୁଡ଼ି ଏବଂ ରୋଗପୋକ ଚାଷ ନଷ୍ଟକରି ଦେଇଥିବା ବେଳେ ଚଳିତ ବର୍ଷ ଦାଉ ସାଜିଛି ବନ୍ୟା। ଗଞ୍ଜାମ ଜିଲାର ୪୦୯୨.୨୯ ହେକ୍ଟର ଉଦ୍ୟାନ କୃଷି ବନ୍ୟା ଯୋଗୁ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

ଉଦ୍ୟାନ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ବନ୍ୟା ପରେ ବିଭାଗୀୟ ଅଧିକାରୀ ଏବଂ ବ୍ଲକସ୍ତରର କର୍ମଚାରୀମାନେ କ୍ଷୟକ୍ଷତିର ପ୍ରାଥମିକ ଆକଳନ କରିଛନ୍ତି। ଆକଳନରେ ଜିଲାର ସମସ୍ତ ୨୨ ବ୍ଲକରେ ବନ୍ୟା ପ୍ରକୋପ ଦେଖାଦେଇଛି। ସେଥିରୁ ୩୧୦ ପଞ୍ଚାୟତର ୧୦୨୪ ଗ୍ରାମ ଏବଂ ୨୯୨୬୧ ଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ପାତ୍ରପୁର, ଚିକିଟି, ଆସିକା, ବେଲଗୁଣ୍ଠା, ପୁରୁଷୋତ୍ତମପୁର ଓ ହିଞ୍ଜିଳି ଆଦି ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଯାଇଛି। କ୍ଷୟକ୍ଷତିକୁ ତିନିଟିସ୍ତରରେ ଭାଗ କରାଯାଇଛି। ସେଗୁଡ଼ିକ ହେଲା ୩୩ରୁ ୫୦ପ୍ରତିଶତ କ୍ଷତି, ୫୫ରୁ ୬୬ପ୍ରତିଶତ ଏବଂ ୬୬ପ୍ରତିଶତରୁ ତଦୂର୍ଦ୍ଧ୍ୱ କ୍ଷତି। ପ୍ରାଥମିକ ଆକଳନରେ ଜିଲାରେ ମୋଟ ୪୦୯୨.୨୯ହେକ୍ଟର ଉଦ୍ୟାନ କୃଷି କ୍ଷତି ହୋଇଛି। ସେଥିରେ ୪.୨ହେକ୍ଟର ଜମିରେ ୩୩ରୁ ୫୦ପ୍ରତିଶତ କ୍ଷତି ହୋଇଥିବା ବେଳେ ୩୮୧.୬୪ହେକ୍ଟର ଜମିରେ ୫୦ରୁ ୬୬ପ୍ରତିଶତ ଏବଂ ୩୭୦୬.୫ହେକ୍ଟର ଜମିରେ ୬୬ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଯାଇଛି। ବନ୍ୟା ଦ୍ୱାରା ପନିପରିବା ଚାଷର ବ୍ୟାପକ ନଷ୍ଟ ହୋଇଛି। ନଷ୍ଟ ହୋଇଥିବା ପରିବା ଚାଷ ପରିମାଣ ୩୫୦୫ହେକ୍ଟର ରହିଛି। ଏପରିକି ଏଥିରୁ ୩୫୦୫ହେକ୍ଟର ଚାଷ ଜମିରେ ଫସଲ ୬୬ପ୍ରତିଶତରୁ ଉର୍ଦ୍ଧ୍ୱ ନଷ୍ଟ ହୋଇଛି। ମାତ୍ର ୮୯ହେକ୍ଟର ଜମିରେ ୫୦ରୁ ୬୬ପ୍ରତିଶତ ଫସଲ ନଷ୍ଟ ହୋଇଛି। ସେହିଭଳି ଫଳଚାଷ ୯୬.୮ହେକ୍ଟର, ଫୁଲ ଚାଷ ୬.୫ହେକ୍ଟର ଏବଂ ଅନ୍ୟାନ୍ୟ ୯୮.୦୫ହେକ୍ଟର ଜମିର ଫସଲ ମଧ୍ୟ ନଷ୍ଟ ହୋଇଯାଇଛି।

ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ରଙ୍କ କହିବାନୁଯାୟୀ, ବନ୍ୟା ପରେ ବିଭାଗର ଅଧିକାରୀମାନେ ତୃଣମୂଳସ୍ତରରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ପ୍ରାଥମିକ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ୭କୋଟି ୩୩ଲକ୍ଷରୁ ଅଧିକ ଟଙ୍କା ଉଦ୍ୟାନ କ୍ଷତି ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ ଚୂଡ଼ାନ୍ତ ରିପୋର୍ଟ ପୁଣିଥରେ ପ୍ରସ୍ତୁତ କରାଯିବ। କୃଷି, ରାଜସ୍ୱ ଏବଂ ଉଦ୍ୟାନ ବିଭାଗ ଅଧିକାରୀମାନେ କ୍ଷୟକ୍ଷତିର ଆକଳନ କରିବେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ନିର୍ଦ୍ଦେଶ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର କ୍ଷୟକ୍ଷତି ଆକଳନ କରୁଛନ୍ତି।

## ସଂକ୍ଷେପରେ

### ଗଣ୍ଡଗୋଳ ମାମଲାରେ ୩ ଗିରଫ

**ଛତ୍ରପୁର,୨୦।୧୦ (ଡି.ଏନ୍.ଏ.):** ଛତ୍ରପୁର ଥାନା ପାଲିଆ ଛତ୍ରପୁର ଗାଁରେ ଶୁକ୍ରବାର ରାତିରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ଛତ୍ରପୁର ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ନଂ.୧୬୦ ଓ ୧୬୧/୧୮ ୨ଟି ମାମଲା ରୁଜୁ କରିଥିଲା। ପରେ ତଦନ୍ତ କରି ଉଭୟ ପକ୍ଷର ୩ ଜଣଙ୍କୁ ଶନିବାର ଗିରଫ କରାଯାଇଛି। ସେମାନେ ହେଲେ ପାଲିଆ ଛତ୍ରପୁର ଗାଁରେ କାଳିଆ ଓରଫ୍ ମୁନା ବେହେରା, ଶ୍ରୀନିବାସ ବେହେରା, ଗୋପୀନାଥ ବେହେରା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି।

### ତହସିଲଦାରଙ୍କ ଦସ୍ତଖତ ଜାଲିଆତି କରି ଟଙ୍କା ହଡ଼ପ ଉଦ୍ୟମ

### ଅଭିଯୁକ୍ତ ଥାନାରେ ଅଟକ

**ଦିଗପହଣ୍ଡି,୨୦।୧୦(ଡି.ଏନ.ଏ.):** ଦିଗପହଣ୍ଡି ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁଙ୍କ ଦସ୍ତଖତ ଜାଲିଆତି କରି ବ୍ୟାଙ୍କ ଅଫ ବରୋଦାରୁ ୩୦,୨୮୪ ଟଙ୍କା ହଡ଼ପ ପାଇଁ ଉଦ୍ୟମ କରି ଜଣେ ଯୁବକ ଧରାପଡ଼ିଛନ୍ତି। ଶନିବାର ଏନେଇ ଦିଗପହଣ୍ଡି ଥାନାରେ ଏତଲା ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ଗତ ବୁଧବାର ବ୍ୟାଙ୍କ ଅଫ ବରୋଦା ଦିଗପହଣ୍ଡି ଶାଖାରେ ପହଞ୍ଚି ନିଜକୁ ତହସିଲ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ବୋଲି ଶାଖା ପରିଚାଳକ ପ୍ରଭାତ କୁମାର ପଣ୍ଡାଙ୍କୁ ପରିଚୟ ପ୍ରଦାନ କରିଥିଲେ। ଚାଷ କ୍ଷୟକ୍ଷତି ଜନିତ ସରକାରୀ କ୍ଷତିପୂରଣ ଟଙ୍କା ଭୁଲକ୍ରମେ ଜେ. ଗୋବିନ୍ଦ ପାତ୍ରଙ୍କ ଜମାଖାତାକୁ ଚାଲି ଆସିଥିବା ଜଣାଇଥିଲେ। ଗୋବିନ୍ଦଙ୍କ ଜମାଖାତା ନଂ.୨୮୦୬୦୧୦୦୦୦୦୪୩୦ରୁ ତହସିଲ କାର୍ଯ୍ୟାଳୟର ନାଜିର ନମିତା ନାୟକଙ୍କ ଷ୍ଟେଟବ୍ୟାଙ୍କ ଜମାଖାତା ନଂ. ୩୨୪୫୯୯୫୧୦୬୦କୁ ୩୦,୨୮୪ ଟଙ୍କା ଫଣ୍ଡ ଟ୍ରାନ୍ସଫର କରିବା ପାଇଁ ତହସିଲଦାରଙ୍କ ସ୍ୱାକ୍ଷର ଥାଇ ଚିଠି ନଂ.୬୦୪୧ ଅନୁଯାୟୀ ଅନୁରୋଧ ପତ୍ର ଶାଖା ପରିଚାଳକଙ୍କୁ ପ୍ରଦାନ କରିଥିଲେ। ପରେ ଗୁରୁବାର ଚିଠି ନଂ. ୬୦୫୩ ଅନୁଯାୟୀ ଅନ୍ୟ ଏକ ଅନୁରୋଧ ପତ୍ର ଅଭିଯୁକ୍ତ ଜଣକ ପ୍ରଦାନ କରିଥିଲେ।
ଶନିବାର ବ୍ୟାଙ୍କ ଶାଖା ପରିଚାଳକ ଏନେଇ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏନେଇ କୌଣସି ଚିଠି କରାଯାଇନଥିବା ସହ ନମିତା ନାୟକ ନାଁରେ କୌଣସି ନାଜିର ତହସିଲ କାର୍ଯ୍ୟାଳୟରେ ନଥିବା ସେ କହିଥିଲେ। ପରେ ତହସିଲଦାର ଏନେଇ ସବିଶେଷ ତଦନ୍ତ କରିବା ପରେ ଥାନାରେ ଏତଲା ଦେଇଥିବା କହିଛନ୍ତି। ଏହି ଘଟଣାରେ ତହସିଲ କାର୍ଯ୍ୟାଳୟର କିଛି କର୍ମଚାରୀ ସମ୍ପୃକ୍ତ ଥିବା ସନ୍ଦେହ କରାଯାଇଛି। ଅଭିଯୁକ୍ତ ଜଣକ ବହୁବର୍ଷ ହେଲା ତହସିଲ ଓ ବ୍ଲକ କାର୍ଯ୍ୟାଳୟକୁ ଯା'ଆସ କରି କର୍ମଚାରୀମାନଙ୍କ ସହ ବନ୍ଧୁତା ସ୍ଥାପନ କରି ଦଲାଲ କାର୍ଯ୍ୟ କରି ଆସୁଥିଲେ ବୋଲି ପୋଲିସର ପ୍ରାରମ୍ଭିକ ଅନୁସନ୍ଧାନରୁ ସୂଚନା ମିଳିଛି।

## ମା'ଙ୍କ ଅସ୍ଥାୟୀ ମଣ୍ଡପରେ ଏକାଦଶୀ ପାଳନ

ଦାରିଙ୍ଗବାଡ଼ି,୨୦।୧୦(ଡି.ଏନ.ଏ.)

ସିମନବାଡ଼ି ମା' ଦୁର୍ଗାପୂଜା ମଣ୍ଡପରେ ଶନିବାର ଏକାଦଶୀ ପାଳନ କରାଯାଇଛି। ଅଞ୍ଚଳର ଶ୍ରଦ୍ଧାଳୁମାନେ ଦଶମୀ ପାଳନର ପରଦିନ ଏହି ପର୍ବକୁ ପାଳନ କରୁଥିବା ନିଜିର ରହିଛି। ଏଥି ପାଇଁ ଭଜନ କୀର୍ତ୍ତନ ସହ ଶ୍ରୀକୃଷ୍ଣଙ୍କ ବାର୍ତ୍ତାକୁ ପୂଜକ ସନ୍ତୋଷ କୁମାର ମିଶ୍ର ଶ୍ରଦ୍ଧାଳୁମାନଙ୍କୁ ଜଣାଇଥିଲେ। ଏଥି ପାଇଁ ଶ୍ରଦ୍ଧାଳୁମାନେ ଉପବାସବ୍ରତ ପାଳନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ଭଗବତ ଟୁଙ୍ଗିରେ ମଧ୍ୟ ଏକଦଶୀ ପାଳନ କରାଯାଇଛି।

## ବିଶ୍ୱ ଧଳାବାଡ଼ି ଦିବସ ପାଳିତ

ଭଞ୍ଜନଗର,୨୦।୧୦(ଡି.ଏନ.ଏ.)

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଶନିବାର ବିଶ୍ୱ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ଉତ୍କଳ ଦୃଷ୍ଟିହୀନ ସଂଘ ଦକ୍ଷିଣାଞ୍ଚଳ ଶାଖା ଏବଂ ଶଙ୍କର ମେଡ଼ିକାଲ ଷ୍ଟୋରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଦିବସ ସମ୍ପର୍କରେ କହିଥିଲେ। ଏହାପୂର୍ବରୁ ଦୃଷ୍ଟିହୀନ ସଂଘର ସଭ୍ୟାସଭ୍ୟମାନେ ଭଞ୍ଜନଗର ସହର ପରିକ୍ରମା କରିଥିଲେ।

## ■ଅପରାଧ ସମୀକ୍ଷା ବୈଠକ

# ଅସାମାଜିକ, ପୁରୁଣା ଅପରାଧୀଙ୍କ ଉପରେ ନଜର ରଖ



ବୈଠକରେ ଏସ୍‌ପି ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଛତ୍ରପୁର,୨୦।୧୦(ଡି.ଏନ.ଏ)

ଛତ୍ରପୁରସ୍ଥିତ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ଶନିବାର ଗଞ୍ଜାମ ପୋଲିସ ଜିଲା ଅଧୀନ ଆସିକା ଓ ଭଞ୍ଜନଗର ଉପଖଣ୍ଡସ୍ତରୀୟ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଯୋଗଦେଇ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅପରାଧ ସମୀକ୍ଷା କରିଥିଲେ। ଉକ୍ତ ୨ ଉପଖଣ୍ଡ ଅଧୀନ ସମସ୍ତ ଥାନାର ଅପରାଧ ସମୀକ୍ଷା ହୋଇଥିଲା। ଆଗକୁ କାଳିପୂଜା, କୁମାର ପୂର୍ଣ୍ଣିମା ଓ କାର୍ତ୍ତିକ ପୂର୍ଣ୍ଣିମା ଆସୁଥିବାରୁ ଲୋକମାନଙ୍କୁ ସୁରକ୍ଷା ଦେବା ସହ କିଭଳି ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ପାରିବ ସେ ଉପରେ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଅସାମାଜିକ ଓ ପୁରୁଣା ଅପରାଧୀମାନଙ୍କ ଉପରେ ନଜର ରଖିବା ସହ ସିଆରପିସିର ୧୧୦ ଓ ୧୦୭ ଧାରାରେ ଏମାନଙ୍କୁ ନୋଟିସ୍ କରାଯିବ। ପୋଲିସ ପାଟ୍ରୋଲିଂ, ଚୋରା ମଦ କାରବାର ରୋକିବାକୁ କୁହାଯାଇଛି। ସବୁ ଥାନାରେ ଥିବା ପେଣ୍ଡିଂ ମାମଲାର ତୁରନ୍ତ ଫଇସଲା କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଚାଲିଥିବା ମହିଳା ଓ ଶିଶୁ ଡେସ୍କ, ସ୍ୱୟଂସିଦ୍ଧା ଓ ଆମ ପୋଲିସ କାର୍ଯ୍ୟକ୍ରମ, ସିନିୟର ସିଟିଜନ ସେଲର କାର୍ଯ୍ୟକ୍ରମ ସମ୍ପର୍କରେ ଥାନାୱାରି ସମୀକ୍ଷା କରାଯାଇଥିଲା। ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିବାକୁ କୁହାଯାଇଛି। ପୂଜା ପାର୍ବଣ ଋତୁ ଯୋଗୁ ଜୁଆଖେଳ ଚାଲିବ। ଏହା ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର, ଡିଏସ୍‌ପି ଦିଲୀପ ଦାଶ, ଡିଆଇବି ଡିଏସ୍‌ପି କେଶବ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଥାନା ଆଇଆଇସି ମାନେ ଉପସ୍ଥିତ ଥିଲେ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ତୁମୁଡ଼ିବନ୍ଧ,୨୦।୧୦(ଡି.ଏନ୍.ଏ.)

ତୁମୁଡ଼ିବନ୍ଧ ଥାନା ନୂଆମୁଣ୍ଡା ଗ୍ରାମରେ ଶନିବାର ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ରାଜେନ୍ଦ୍ର ବୁଡେକ (୩୫)। ପରିବାରଲୋକଙ୍କ ଅଭିଯୋଗ ଭିତ୍ତିକରି ନୂଆମୁଣ୍ଡା ଗ୍ରାମର ତୁମୁଡ଼ିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବି. ସରାଫ, ଏସ୍‌ଆଇ ଯୁଗଳ କିଶୋର ନାୟକ ପହଞ୍ଚି ମୃତଦେହ ଜବତ କରି ନଂ.୦୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ବୋଲି ଆଇଆଇସି ବାବା ଶଙ୍କର ସରାଫ କହିଛନ୍ତି।
ଶୁକ୍ରବାର ରାଜେନ୍ଦ୍ର ନିଶାସକ୍ତ ଅବସ୍ଥାରେ ଏକ ଠେଙ୍ଗାଧରି ସ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେବାରୁ ସ୍ତ୍ରୀ ସେହି ଗ୍ରାମରେ ଥିବା ନିଜ ଭାଇଘରକୁ ପଳାଇଥିଲେ। ଘରେ କେହି ନ ଥିବାରୁ ରାଜେନ୍ଦ୍ର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

## ତିତ୍‌ଲି ପ୍ରଭାବରେ ଚିନିଶିଳ୍ପର ୧୫ କୋଟିରୁ ଉର୍ଦ୍ଧ୍ୱ କ୍ଷତି

# ସରକାରୀ ସହାୟତା ଲାଗି ଆବେଦନ

ଆସିକା,୨୦।୧୦(ଡି.ଏନ୍.ଏ.)

ତିତ୍‌ଲି ବାତ୍ୟା ପ୍ରଭାବରେ ଗଞ୍ଜାମ ଜିଲାର ଏକ ମାତ୍ର କୃଷି ଭିତ୍ତିକ ଶିଳ୍ପ ଆସିକା ସମବାୟ ଚିନିଶିଳ୍ପ ଲିଃ. ର ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ଘଟିଛି। ଘୋର ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା ଏହି ଶିଳ୍ପକୁ ଆବଶ୍ୟକୀୟ ସରକାରୀ ସହାୟତା ତୁରନ୍ତ ପ୍ରଦାନ ନହେଲେ ଆଗାମୀ ଆଖୁ ପେଡା କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହେବ ବୋଲି ଅନୁମାନ କରାଯାଇଛି। ଗୁରୁବାର ଦିନ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରାଙ୍କ ପକ୍ଷରୁ ସମବାୟ ବିଭାଗ ସର୍ବୋଚ୍ଚ କର୍ତ୍ତା ରେଜିଷ୍ଟ୍ରାର୍, ସମବାୟ ବିଭାଗ ସଚିବ ଓ ଗଞ୍ଜାମ ଜିଲାପାଳଙ୍କୁ ତିତ୍‌ଲି ଜନିତ କ୍ଷତିର ଏକ ଆକଳନ ଚିଠା ପ୍ରେରଣ କରାଯାଇଛି। ଦିଆଯାଇଥିବା ଚିଠାରେ ଗତ ୧୦ ଓ ୧୧ ବାତ୍ୟାରେ ଚିନି ଶିଳ୍ପର ମିଲ୍ ଗୃହ, ଚିନି ଗୋଦାମ, ଡିଷ୍ଟିଲାରୀ, ୱେର୍ ହାଉସ୍, ବଟଲିଂ ପ୍ଲାଣ୍ଟ, ଷ୍ଟୋର୍‌ର ବିସ୍ତୃତ କ୍ଷତି ଘଟିଥିଲା ବେଳେ କର୍ମଚାରୀଙ୍କ ବାସଗୃହ, ବିଭିନ୍ନ ପାଚେରୀ, କାରଖାନାକୁ ସଂଯୋଗ ଶଗଡ ଯିବା ରାସ୍ତା, ଟ୍ରକ୍ ଯିବା ରାସ୍ତା ଓ କର୍ମଚାରୀଙ୍କ ବାସଗୃହ ଏବଂ ଚିନିଶିଳ୍ପ ବିଶ୍ରାମ ଭବନ ରାସ୍ତାର ପ୍ରଭୃତ କ୍ଷତି ଘଟିଛି। ଚିନିଶିଳ୍ପ ଗୋଦାମରେ ପାଣି ପଶି ମହଜୁଦ୍ ଥିବା ଚିନିରୁ ପ୍ରାୟ ୫ହଜାର ୫ଶହ କ୍ୱିଣ୍ଟାଲ୍ ଚିନି ନଷ୍ଟ ହୋଇ ୧ କୋଟି ୭୦ ଲକ୍ଷ ଟଙ୍କାର କ୍ଷତି ହୋଇଥିବା କୁହାଯାଇଛି। ଏହି କ୍ଷତିର ପରିମାଣ ୧୫ କୋଟି ୧୦ ଲକ୍ଷ ୮୪ ହଜାର ଟଙ୍କା ଆକଳନ କରାଯାଇଛି। ଚିନିଶିଳ୍ପ ପକ୍ଷରୁ ୨୦୧୮–୨୦୧୯ ଆଖୁପେଡା କାର୍ଯ୍ୟ ଡିସେମ୍ବର ମଧ୍ୟ ଭାଗରୁ ଆରମ୍ଭ କରିବା ଲାଗି କାରଖାନା ପକ୍ଷରୁ ଯୋଜନା କରାଯାଇଥିବା ବେଳେ ଏଭଳି କ୍ଷତି କାରଖାନା ପାଇଁ ଚିନ୍ତାର କାରଣ ହୋଇଛି।

୨୦୧୬–୧୭ରେ ଏହି କାରଖାନା ୧୨କୋଟି ୧୮ ଲକ୍ଷ ଟଙ୍କା ଏବ ୨୦୧୭–୧୮ରେ ୧୭ କୋଟି ଟଙ୍କା କ୍ଷତିର ସମ୍ମୁଖୀନ ହୋଇଥିଲା। ଗତ ଆଖୁପେଡା ଋତୁର ଚାଷୀଙ୍କୁ ଆଖୁର ମୂଲ୍ୟ ପ୍ରଦାନ ଲାଗି ଚିନିଶିଳ୍ପ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କରୁ ଗତ ସେପ୍ଟେମ୍ବର ୩୦ ସୁଧା ୬କୋଟି ୪୦ ଲକ୍ଷ୍ୟ ଟଙ୍କା କ୍ୟାସ୍ କ୍ରେଡିଟ୍ ଋଣ ଆଣିଥିଲା। ଚିନିଶିଳ୍ପର ଗୋଦାମରେ ବର୍ତ୍ତମାନ ୨୬ ହଜାର କ୍ୱିଣ୍ଟାଲ୍ ଚିନି ମହଜୁଦ୍ ରହିଥିଲେ ମଧ୍ୟ ଭାରତ ସରକାରଙ୍କ ଚିନି ନିର୍ଦ୍ଦେଶକଙ୍କ ଅନୁମତି ମୁତାବକ ମାତ୍ର ୩ ହଜାର କ୍ୱିଣ୍ଟାଲ୍ ଚିନି ବିକ୍ରି ହୋଇଛି। ପୂର୍ବରୁ କ୍ରମାଗତ କ୍ଷତିରେ ଜର୍ଜରିତ ହୋଇ ରହିଥିବା ଏହି ଶିଳ୍ପ ପାଇଁ ତିତ୍‌ଲି ଘୋର ଆର୍ଥିକ ଶଙ୍କଟ ସୃଷ୍ଟି କରିଛି। ଏହାଛଡା ଏହି ବାତ୍ୟାରେ ଆଖୁଚାଷିମାନଙ୍କ କ୍ଷେତରେ ରହିଥିବା ଆଖୁ ମଧ୍ୟ ବିସ୍ତୃତ କ୍ଷତି ଘଟିଛି। ଏହି ପରିସ୍ଥିତିରେ କାରଖାନା ପକ୍ଷରୁ ଯୁଦ୍ଧକାଳିନ ଭିତ୍ତିରେ କାରଖାନାର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ କରାନଗଲେ ଆଗାମି ଆଖୁପେଡା କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ହେବାରେ ଘୋର ବାଧା ସୃଷ୍ଟି ହେବା ସହ ଉତ୍ପାଦନ ଉପରେ ମଧ୍ୟ ଏହାର ପ୍ରଭାବ ପଡିବ ବୋଲି ଦର୍ଶାଯାଇଛି। ଏତଦ୍ ପରିସ୍ଥିତିରେ ସରକାର ରାଜ୍ୟ ବିପର୍ଯ୍ୟୟ ପ୍ରସମନ ପାଣ୍ଠି ଓ କେନ୍ଦ୍ର ବିପର୍ଯ୍ୟୟ ପ୍ରସମନ ପାଣ୍ଠିରୁ ଏହି କାରଖାନାକୁ ଆବଶ୍ୟକୀୟ ଆର୍ଥିକ ସହଯୋଗ ପ୍ରଦାନ ପୂର୍ବକ କାରଖାନାର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଆଗେଇ ନେବାରେ ସହାୟକ ହେବା ନିମନ୍ତେ ନିବେଦନରେ ଦର୍ଶାଯାଇଛି।

# ବୋଡ଼ାନଦୀ ଗଣ୍ଡରେ ବୁଡ଼ି ଜଣେ ମୃତ

**ଜଗନ୍ନାଥପ୍ରସାଦ,୨୦।୧୦:** ନଡ଼ା ଗ୍ରାମ ନିକଟସ୍ଥ ବୋଡ଼ାନଦୀରେ ଗାଧୋଇବାକୁ ଯାଇ ନଦୀଗଣ୍ଡରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଗାଇ ଚରାଳି ଗୋପାଳ ଗୌଡ଼ (୪୪)।
ଗୋପାଳ ଗାଇମାନଙ୍କୁ ନଦୀତଟରେ ଛାଡ଼ିଦେଇ ଗାଧୋଇବାକୁ ବୋଡ଼ାନଦୀକୁ ଯାଇଥିଲେ। ସେ ପ୍ରଖର ଜଳସ୍ରୋତର ସୂଚନା ନ ପାଇ ଗଣ୍ଡ ମଧ୍ୟକୁ ଚାଲିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଗନ୍ନାଥପ୍ରସାଦ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ଜଗନ୍ନାଥପ୍ରସାଦ ଥାନା ନଂ. ୧୦/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ ସହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଦିଆଯାଇଛି। ଜଗନ୍ନାଥପ୍ରସାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେଉରିଆ, ପଞ୍ଚଭୂତି ରାଜସ୍ୱ ନିରୀକ୍ଷକ କୁନ୍ଦନ କୁମାର ପାତ୍ର, ଛାମଣ୍ଡା ପଞ୍ଚାୟତ ସରପଞ୍ଚ ବସନ୍ତ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଦାହ ଲାଗି ବିଡିଓ ବେଉରିଆ ମୃତକଙ୍କ ସ୍ତ୍ରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଘଟଣାର ତଦନ୍ତ ଚାଲିଥିବା ଜଗନ୍ନାଥପ୍ରସାଦ ଥାନା ଆଇଆଇସି ଅନିରୁଦ୍ଧ ମୁଦୁଲି କହିଛନ୍ତି।

# ଏନ୍‌ସିସି କ୍ୟାଡେଟ୍‌ଙ୍କ ତିରୁପତି ଗସ୍ତ

ବ୍ରହ୍ମପୁର ଅଫିସ୍,୨୦।୧୦

ସିଟି ହାଇସ୍କୁଲର ଏନ୍‌ସିସି କ୍ୟାଡେଟ୍‌ମାନେ ସର୍ବଭାରତୀୟ ପ୍ରଶିକ୍ଷଣ ଶିବିରରେ ସାମିଲ୍ ହେବା ପାଇଁ ତିରୁପତି ଗସ୍ତ କରିଛନ୍ତି। ଏହି ଗ୍ରୁପ୍‌ରେ ୪୨ଜଣ କ୍ୟାଡେଟ୍ ଥିବା ବେଳେ ଏନ୍‌ସିସି ଚିଫ୍ ଅଫିସର ଗୋପାଳକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସେମାନେ ଗସ୍ତ କରିଛନ୍ତି। ପାହାଡ ଚଢ଼ା ଏବଂ ବଣଜଙ୍ଗଲ ଘେରାରେ ଦୁଃସାହସିକ ପଦଯାତ୍ରା କରି ବିଶାଳ ଭାରତର ବିବିଧତା ସମ୍ପର୍କରେ ସଚେତନ, ପ୍ରାକୃତିକ ପରିବେଶକୁ ଭଲ ପାଇବା, ବଣଜଙ୍ଗଲର ସୁରକ୍ଷା, ବନ୍ୟପ୍ରାଣୀ, ଜୈବ ବିବିଧତା, ପ୍ରାଚୀନ କୀର୍ତ୍ତିଏବଂ ପରିବେଶ ସମ୍ପର୍କରେ କ୍ୟାଡେଟ୍‌ମାନେ ତାଲିମ୍ ନେବେ।



ତିରୁପତି ଯାତ୍ରା କରିଥିବା ଏନସିସି କ୍ୟାଡେଟ୍‌ମାନେ।

# ମହୁଲି ମଦ, ଛେଳି ପହଞ୍ଚିବା ପରେ ପୂଜା ପାଆନ୍ତି ମା'

ଦାରିଙ୍ଗବାଡ଼ି,୨୦।୧୦ (ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଦାରିଙ୍ଗବାଡ଼ି ଥାନାରେ ପାରମ୍ପରିକ ତଥା ଲୋକ ସଂସ୍କୃତିକୁ ନେଇ ନିଆରା ଢଙ୍ଗରେ ପୂଜାର୍ଚ୍ଚନା କରାଯାଇଛି। ପ୍ରତିବର୍ଷ ଦଶହରାରେ ଗ୍ରୀନ୍‌ବାଡ଼ିର ଶତାଧିକ ମହିଳା ପୁରୁଷ ଗ୍ରାମରେ ସ୍ୱତନ୍ତ୍ର ଭାବେ ମହୁଲିମଦ ପ୍ରସ୍ତୁତ କରି ଏକ ଛେଳିକୁ ନେଇ ଶୋଭାଯାତ୍ରାରେ ଆସି ଥାନାରେ ପହଞ୍ଚିଥାନ୍ତି। ଥାନା ପକ୍ଷରୁ ତାଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥାଏ। ପରେ ବାଦ୍ୟଯନ୍ତ୍ର ମହୁରୀ, ଢ଼ୋଲ ବାଦ୍ୟର ଏକ ଶୋଭାଯାତ୍ରାରେ ଗ୍ରୀନ୍‌ବାଡ଼ିବାସୀ ଥାନା ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ବାସଭବନରୁ ଫୁଲଚନ୍ଦନ ସହ ନୂତନ ବସ୍ତ୍ର ପିନ୍ଧିବାକୁ ଦେଇ ସ୍ୱାଗତ କରି ପୂଜା ମଣ୍ଡପକୁ ନେଇ ଆସିଥାନ୍ତି। ସେହିପରି ଆଇଆଇସି ଅଲେଖ ଗରଡ଼ିଆ, ସବ୍‌ଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ, ରଚିତା ମାଡ଼କାମୀ ଏବଂ ଏଏସ୍‌ଆଇ ଆର.ଭୀମରାଓ ରେଡ୍ଡୀ, ହାବିଲଦାର ଗଜେନ୍ଦ୍ର ବିଶୋୟୀ, ରାଇଟର ବିଦେଶୀ ବେହେରାଙ୍କୁ ଗ୍ରୀନବାଡ଼ି ବାସୀ ଶୋଭାଯାତ୍ରାରେ ତାଙ୍କ ବାସଭବନରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ଆଣିଥିଲେ। ପରେ ସେଠାରୁ ବିରାଟ ଶୋଭାଯାତ୍ରାରେ ଗ୍ରୀନ୍‌ବାଡ଼ି ବାସୀଙ୍କ ସହ ଥାନା ଅଧିକାରୀ ଗରଡ଼ିଆ ଓ ଅନ୍ୟ କର୍ମଚାରୀମାନେ ପୋଖରୀ ତୁଠକୁ ଯାଇ ଗଙ୍ଗା ପୂଜା କରି ପାଣି ଉଠାଇ ପୂଜାମଣ୍ଡପକୁ ଆଣିଥିଲେ। ସେଠାରେ ମା'ଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଗ୍ରୀନବାଡ଼ିବାସୀ ଆଣିଥିବା ମହୁଲି ମଦ ଏବଂ ଛେଳିକୁ ପୂଜା କରାଯାଇଥିଲା। ଛେଳିକୁ ବଳି ପୂଜା କରାଯାଉଥିଲା, କିନ୍ତୁ ଏବେ ସଚେତନ ହେବା ପରେ କାକୁଡ଼ି କିମ୍ବା କଖାରୁ ବଳି ଦିଆଯାଇଥିଲା ବୋଲି ମୁଖ୍ୟ ପୂଜକ ବୁଲୁ ତ୍ରିପାଠୀ କହିଛନ୍ତି। ଏମିତି ନିଆରାଭାବେ ଏଠାରେ ମା'ଙ୍କୁ ପୂଜା କରାଯାଇଥାଏ।



ଗ୍ରୀନବାଡ଼ି ବାସୀ ଛେଳି ଏବଂ ମହୁଲି ମଦ ନେଇ ଥାନାକୁ ଆସୁଛନ୍ତି।

### ନିଆରା ଦଶହରା

